# NATIONAL NEWS BULLETIN (ODIA)

**01 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଏବଂ ଜାମାଇକା ମଧ୍ୟରେ ନୂଆଦିଲ୍ଲୀଠାରେ ପ୍ରତିନିଧିସ୍ତରୀୟ ଆଲୋଚନା ଅନୁଷ୍ଠିତ ।

- ଜାମ୍ମୁ-କାଶ୍ମୀରରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଗ୍ରହଣ ଚାଲିଛି ।

- ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ଚୀନ୍ ସହ ଏଲ୍ଏସି ନିକଟରେ ସ୍ଥିତି ସ୍ଥିର ଥିଲେ ମଧ୍ୟ ସ୍ୱାଭାବିକ ହୋଇନାହିଁ ।

- ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲ ସ୍ଥଳବାହିନୀ ଆକ୍ରମଣ କରିବା ଫଳରେ ଉତ୍ତେଜନା ବୃଦ୍ଧି ।

ଏବଂ

- ପେରୁର ଲିମାଠାରେ ଚାଲିଥିବା କନିଷ୍ଠ ବିଶ୍ୱ ଚାମ୍ପିଅନସିପ୍‌ରେ ଭାରତର ପାର୍ଥ ରାକେଶ ମାନେ ୧୦ ମିଟର ରାଇଫଲ୍ ବର୍ଗରେ ହାସଲ କରିଛନ୍ତି ସ୍ୱର୍ଣ୍ଣ ପଦକ ।

# ପିଏମ୍-ଜାମାଇକା ଆଲୋଚନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜାମାଇକା କର୍ତ୍ତୃପକ୍ଷ ଡକ୍ଟର ଆଣ୍ଡ୍ରିୟୁ ହୋଲନେସ୍‌ଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ପ୍ରତିନିଧିସ୍ତରୀୟ ଆଲୋଚନା ହୋଇଛି। ଦୁଇ ଦେଶ ମଧ୍ୟରେ ଡିଜିଟାଲ ଭିତ୍ତିଭୂମି, ସାଂସ୍କୃତିକ କ୍ଷେତ୍ର ଏବଂ କ୍ରୀଡ଼ା କ୍ଷେତ୍ରରେ ସହଭାଗିତା ନେଇ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆଲୋଚନା ପରେ ଉଭୟ ନେତା ମିଳିତ ଭାବେ ଗଣମାଧ୍ୟମକୁ ସମ୍ବୋଧନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜାମାଇକା ପ୍ରଧାନମନ୍ତ୍ରୀଙ୍କର ଭାରତ ଗସ୍ତକୁ ସରକାରଙ୍କ ପକ୍ଷରୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଉଛି। ଡକ୍ଟର ହୋଲନେସ ପ୍ରଥମ ଥର ପାଇଁ ଦ୍ୱିପାକ୍ଷିକ ଗସ୍ତରେ ଭାରତ ଆସିଛନ୍ତି। ଦୁଇ ଦେଶ ମଧ୍ୟରେ ଐତିହାସିକ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ନେଇ ସହଭାଗିତା ସୁଦୃଢ଼ ରହିଛି। ବିଭିନ୍ନ କ୍ଷେତ୍ରରେ ଭାରତ ତା'ର ଅଭିଜ୍ଞତାକୁ ଜାମାଇକା ସହ ବାଣ୍ଟିବା ପାଇଁ ପ୍ରସ୍ତୁତ ଅଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଜାମାଇକାରେ କ୍ଷୁଦ୍ରଶିଳ୍ପ ବାୟୋ-ଫୁଏଲ ଉଦ୍ଭାବନ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଭିତ୍ତିଭୂମି ଆଦି କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ଭାରତ ପ୍ରସ୍ତୁତ ଅଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି। ଆତଙ୍କବାଦ ଏବଂ ନିଶାଦ୍ରବ୍ୟ କାରବାରକୁ ମୁକାବିଲା କରିବାରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି। ଜାମାଇକା ପ୍ରଧାନମନ୍ତ୍ରୀ ଭାରତର ସହଯୋଗକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସିଛି। ବିଭିନ୍ନ କ୍ଷେତ୍ରରେ

ଭାରତ ଉଲ୍ଲେଖନୀୟ ସହଭାଗିତା ପ୍ରଦାନ କରିଛି ବୋଲି ଡକ୍ଟର ହୋଲନେସ ଏହି ଅବସରରେ କହିଛନ୍ତି ।

ହାଇଦ୍ରାବାଦ ହାଉସଠାରେ ପହଁଞ୍ଚିବା ପରେ ଡକ୍ଟର ହୋଲନେସ୍‌ଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ୱାଗତ କରିଥିଲେ । ଏହି ଚାରିଦିନିଆ ଗସ୍ତ ଅବସରରେ ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ହୋଲନେସ୍ ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଭେଟିବାର କାର୍ଯ୍ୟସୂଚୀ ରହିଛି । ଡକ୍ଟର ହୋଲନେସ୍ ଆସନ୍ତାକାଲି ବାରଣାସୀ ଗସ୍ତରେ ଯିବେ ।

ଜାମାଇକା ପ୍ରଧାନମନ୍ତ୍ରୀ ଡକ୍ଟର ହୋଲନେସ୍ ଆଜି ରାଜଘାଟଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳୀରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏକ ଚାରିଦିନିଆ ଭାରତ ଗସ୍ତରେ ଆସି ଡକ୍ଟର ହୋଲନେସ୍ ଗତକାଲି ନୂଆଦିଲ୍ଲୀଠାରେ ପହଁଞ୍ଚିଥିଲେ ।

# ଜେକେ-ତୃତୀୟ ପର୍ଯ୍ୟାୟ ନିର୍ବାଚନ

ଜାମ୍ମୁ କାଶ୍ମୀରରେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ମତ ଗ୍ରହଣ ଚାଲିଛି । ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ମତଦାନ ଲାଗି ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ୭ଟି ଜିଲ୍ଲାର ୪୦ଟି ବିଧାନସଭା ଆସନ ନିମନ୍ତେ ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତ ଗ୍ରହଣ ସନ୍ଧ୍ୟା ୬ଟା ଯାଏଁ ଚାଲିବ । କାଶ୍ମୀରର ବାରମୂଲା, କୁପୁଓ୍ୱାଡ଼ା, ବନ୍ଦୀପୋରା ଏବଂ ଜାମ୍ମୁ ଡିଭିଜନ୍‌ର ଜାମ୍ମୁ, ଉଧମପୁର, କଥୁଆ ଏବଂ ସାମ୍ବା ଜିଲ୍ଲାରେ ୫ହଜାର ୬୦ଟି ମତଦାନ କେନ୍ଦ୍ରରେ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି । ପ୍ରଥମ

ଦୁଇ ଘଣ୍ଟାରେ ୧୧ ଦଶମିକ ୬ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିବା ଜଣାପଡ଼ିଛି ।

ଜାମ୍ମୁ କାଶ୍ମୀରରେ ପ୍ରଥମ ପର୍ଯ୍ୟାୟ ମତଦାନ ସେପ୍ଟେମ୍ବର ୧୮ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସେପ୍ଟେମ୍ବର ୨୫ ତାରିଖରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୬୧ ପ୍ରତିଶତରୁ ଅଧିକ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୫୭ ପ୍ରତିଶତରୁ ଅଧିକ ମତଦାନ ରେକର୍ଡ଼ କରାଯାଇଥିଲା । ଆଜି ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ଆସନ୍ତା ୮ ତାରିଖରେ ମତଗଣନା ହେବ ।

## ପ୍ରଧାନମନ୍ତ୍ରୀ–ଝାଡ଼ଖଣ୍ଡ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଝାଡ଼ଖଣ୍ଡ ଗସ୍ତ କରି ୮୩ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ହଜାରିବାଗ୍ ଠାରେ 'ଧର୍ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ'ର ଶୁଭାରମ୍ଭ କରିବେ । ୭୯ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ ହେବାକୁ ଥିବା ଏହି ଅଭିଯାନ ଦ୍ୱାରା ୬୩ ହଜାର ଗ୍ରାମର ୫ କୋଟିରୁ ଉର୍ଦ୍ଧ୍ୱ ଜନଜାତି ବର୍ଗର ଲୋକ ଉପକୃତ ହୋଇପାରିବେ । ଏହି ଯୋଜନା ଦେଶର ୫୪୯ଟି ଜିଲ୍ଲା ଅନ୍ତର୍ଗତ ୨ହଜାର ୭୪୦ଟି ବ୍ଲକ୍‌ରେ କାର୍ଯ୍ୟକାରୀ କରାଯାଉଛି ।

ଏହାଛଡ଼ା ଶ୍ରୀ ମୋଦୀ ୪୦ଟି ଏକଲବ୍ୟ ବିଦ୍ୟାଳୟର ଉଦ୍‌ଘାଟନ କରିବେ । ଏଥିସହ ୨ହଜାର ୮୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ହେବାକୁ ଥିବ ଅନ୍ୟ ୨୫ଟି ଏକଲବ୍ୟ ବିଦ୍ୟାଳୟର ଶିଳାନ୍ୟାସ କରିବେ । ସେହିଭଳି ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ

ଅଧୀନରେ ଶ୍ରୀ ମୋଦୀ ୧ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା କେତେକ ପ୍ରକଳ୍ପର ଲୋକାର୍ପଣ କରିବା ସହିତ ଅନ୍ୟ କେତେକ ଲାଗି ଶିଳାନ୍ୟାସ କରିବେ । ଏହି ଯୋଜନା ଅଧୀନରେ ସଡ଼କ, ଅଙ୍ଗନବାଡ଼ି, ବହୁମୁଖୀ କେନ୍ଦ୍ର, ବିଦ୍ୟାଳୟ, ଛାତ୍ରାବାସ ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ ।

ଏହାଛଡ଼ା ଏହି ଯୋଜନା ଅଧୀନରେ ଶ୍ରୀ ମୋଦୀ ୩ହଜାର ଗ୍ରାମରେ ବସବାସ କରୁଥିବା ୭୫ ହଜାର ୮୦୦ ବିଶେଷ ଦୁର୍ବଳ ଜନଜାତି ସମ୍ପ୍ରଦାୟ ବ୍ୟକ୍ତିଙ୍କ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# ଆର୍ମି ଚିଫ୍

ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ଚୀନ୍ ସହ ପ୍ରକୃତ ନିୟନ୍ତ୍ରଣ ରେଖା ଏଲ୍.ଏ.ସି.ରେ ସ୍ଥିତି ସ୍ଥିର ରହିଥିଲେ ମଧ୍ୟ ସ୍ୱାଭାବିକ ହୋଇନାହିଁ। ନୂଆଦିଲ୍ଲୀଠାରେ ଆଜି ଚାଣକ୍ୟ ପ୍ରତିରକ୍ଷା ଆଲୋଚନାରେ ଯୋଗଦେଇ ଜେନେରାଲ ଦ୍ୱିବେଦୀ କହିଛନ୍ତି, ୨୦୨୦ ମେ' ମାସରୁ ଆରମ୍ଭ ହୋଇଥିବା ଚୀନ୍ ସହ ସାମରିକ ବିବାଦର ପୂର୍ବ ସ୍ଥିତିକୁ ଫେରାଇ ଆଣିବାକୁ ଭାରତ ପ୍ରୟାସ ଜାରି ରଖିଛି। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବାକୁ ଭାରତ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି।

# ଇସ୍ରାଏଲ-ଲେବାନନ୍ କନଫ୍ଲିକ୍ଟ୍

ଦକ୍ଷିଣ ଲେବାନନ୍‌ରେ ଇସ୍ରାଏଲ ସ୍ଥଳବାହିନୀ ଆକ୍ରମଣ କରିବା ଫଳରେ ଉତ୍ତେଜନା ବୃଦ୍ଧି ପାଇଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ପକ୍ଷରୁ ଦେଶର ଉତ୍ତରାଞ୍ଚଳରେ ଥିବା ଇସ୍ରାଏଲବାସୀଙ୍କ  ପ୍ରତି ବିପଦ ସୃଷ୍ଟି କରୁଥିବା ସୀମା ନିକଟବର୍ତ୍ତୀ ହିଜୁବୁଲ୍ଲା ଲକ୍ଷ୍ୟସ୍ଥଳୀ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଇସ୍ରାଏଲ ପକ୍ଷରୁ 'ଅପରେସନ୍ ନର୍ଦ୍ଧନ ଏରୋ' ନାମରେ ନାମିତ ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ଅନୁମୋଦନ ମିଳିଛି ଏବଂ ସୁଚିନ୍ତିତ ରଣନୀତି ଅନୁଯାୟୀ ପଦକ୍ଷେପ ନିଆଯାଉଛି । ଆଇଡିଏଫ୍ ପକ୍ଷରୁ କୁହାଯାଇଛି, ଏଥିପାଇଁ ସେନାବାହିନୀ ବହୁ ପୂର୍ବରୁ ପ୍ରଶିକ୍ଷିତ ହୋଇଛନ୍ତି । ଇସ୍ରାଏଲ ବାୟୁସେନା ମଧ୍ୟ ସ୍ଥଳବାହିନୀକୁ ଆବଶ୍ୟକ ସହାୟତା ପ୍ରଦାନ କରୁଛି । ଏକାଧିକ ସୀମାତଟବର୍ତ୍ତୀ ଅଞ୍ଚଳରେ ଦ୍ୱିପକ୍ଷ ମଧ୍ୟରେ ସଂଘର୍ଷ ତୀବ୍ର ହୋଇଛି । ବେରୁଟ୍‌ର ଦକ୍ଷିଣ ଉପକଣ୍ଠରେ ଇସ୍ରାଏଲ ବାୟୁସେନା ପକ୍ଷରୁ ଆକ୍ରମଣ ଅଧିକ ତୀବ୍ରତର ହୋଇଛି । ସେଠାକାର ବାସିନ୍ଦାଙ୍କୁ ତୁରନ୍ତ ସ୍ଥାନ ଛାଡ଼ି ଚାଲିଯିବା ପାଇଁ ଇସ୍ରାଏଲ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଥିଲା । ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ସୋମବାର ଦିନ ଲେବାନନ୍ ଉପରେ ହୋଇଥିବା ଆକ୍ରମଣରେ ଅତିକମ୍‌ରେ ୯୫ ଜଣଙ୍କର ମୃତ୍ୟୁ ହୋଇଛି । ଲେବାନନ୍‌ର ହମାସ ଶାଖା ମୁଖ୍ୟ ଫତେସରିଫ ଆବୁ ଏଲ୍ ଅମିନ୍‌ଙ୍କର ମୃତ୍ୟୁ ହୋଇଥିବା ନେଇ ଇସ୍ରାଏଲ ଏବଂ ହମାସ ପକ୍ଷରୁ ସ୍ପଷ୍ଟ କରାଯାଇଛି । ହିଜ୍‌ବୁଲ୍ଲା ଆତଙ୍କବାଦୀଙ୍କ ସହ ଲେବାନନ୍‌ରେ ହମାସର ଆତଙ୍କବାଦୀ କାର୍ଯ୍ୟକଳାପ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଫତେସରିଫ  କାର୍ଯ୍ୟ କରୁଥିଲେ ବୋଲି ଇସ୍ରାଏଲ ସେନା ସୂଚନା ଦେଇଛି । ସେହିଭଳି କୋଲାର

ନିକଟବର୍ତ୍ତୀ କେନ୍ଦ୍ରୀୟ ବେରୁଟ୍ ଅଞ୍ଚଳରେ ଇସ୍ରାଏଲ ଆକ୍ରମଣରେ ପପୁଲାର ଫ୍ରଣ୍ଟ ଫର୍ ଦି ଲିବରେସନ୍ ଅଫ୍ ପାଲେଷ୍ଟାଇନ୍ ଗୋଷ୍ଠୀର ତିନି ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ଆକ୍ଟର-ଗୋବିନ୍ଦା ଇଞ୍ଜୁ୍ୟରି

ବଲିଉଡ୍ ଅଭିନେତା ଗୋବିନ୍ଦା ନିଜ ବନ୍ଧୁକ ଗୁଳିରେ ଆଜି ଆହତ ହୋଇଥିବା ଜଣାପଡ଼ିଛି। ମୁମ୍ବାଇସ୍ଥିତ ନିଜ ବାସଗୃହରେ ଭୋର୍ ୪ଟା ୪୫ରେ କୋଲକାତାକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ନିଜର ଲାଇସେନ୍ସ ପ୍ରାପ୍ତ ବନ୍ଧୁକରୁ ଅସାବଧାନତା ବଶତଃ ଗୁଳି ଫୁଟି ତାଙ୍କ ଗୋଡ଼ରେ ବାଜିଛି।  ଏକ ଘରୋଇ ହାସପାତାଳରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଗୋଡ଼ରୁ ଗୁଳିଟିକୁ ବାହାର କରି ଦିଆଯାଇଛି ଏବଂ ସେ ବିପଦମୁକ୍ତ ଅଛନ୍ତି ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

## ଡବ୍ଲ୍ୟୁବି-ଏନ୍ଆଇଏ

ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍.ଆଇ.ଏ. ଆଜି ପଶ୍ଚିମବଙ୍ଗର ୧୨ଟି ସ୍ଥାନରେ ଚଢ଼ାଉ କରିଛି। ମାଓବାଦୀ କାର୍ଯ୍ୟକଳାପ ସହ ସମ୍ପୃକ୍ତ ଅଭିଯୋଗ ନେଇ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗର ନଦୀୟା, ପଶ୍ଚିମ ବର୍ଦ୍ଧମାନ, ଉତ୍ତର ଏବଂ ଦକ୍ଷିଣ ଚବିଶପ୍ରଗଣା ଏବଂ କୋଲକାତାର କେତେକ ଅଞ୍ଚଳରେ ଏନ୍.ଆଇ.ଏ. ଚଢ଼ାଉ କରିଛି।

## ଝାଡ଼ଖଣ୍ଡ-ହିମନ୍ତ

ଆସାମ ମୁଖ୍ୟମନ୍ତ୍ରୀ ତଥା ବିଜେପିର ଝାଡ଼ଖଣ୍ଡ ବିଧାନସଭା ସହ-ନିର୍ବାଚନ ପ୍ରଭାରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଆସନ୍ତା ୩ ତାରିଖ ଦିନ ବିଜେପି ତାର ସଂକ୍ଷିପ୍ତ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବ। ରାଞ୍ଚିଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ସମ୍ପୂର୍ଣ୍ଣ ନିର୍ବାଚନ ଇସ୍ତାହାର ପରେ ପ୍ରକାଶ କରାଯିବ। ହେମନ୍ତ ସୋରେନ୍‌ଙ୍କ ସରକାର ଝାଡ଼ଖଣ୍ଡ ରାଜ୍ୟ ଗଠନର ଉଦ୍ଦେଶ୍ୟକୁ ପୂରଣ କରିପାରିନାହାଁନ୍ତି। ରାଜ୍ୟର ବିକାଶ ପାଇଁ ବିଜେପି ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛି ବୋଲି ଶ୍ରୀ ଶର୍ମା କହିଛନ୍ତି।

## ଆଇଏସ୍‌ଏସ୍‌ଏଫ୍- ଜୁନିୟର୍ ୱାର୍ଲଡ୍ ଚାମ୍ପିଅନସିପ୍

ପେରୁର ଲିମାଠାରେ ଚାଲିଥିବା ଆନ୍ତର୍ଜାତୀୟ ବନ୍ଧୁକ ଚାଳନା କ୍ରୀଡ଼ା ସଂଘ-ଆଇଏସ୍‌ଏସ୍‌ଏଫ୍ କନିଷ୍ଠ ବିଶ୍ୱ ଚାମ୍ପିଅନସିପ୍‌ରେ ଭାରତର ପାର୍ଥ ରାକେଶ ମାନେ ୧୦ ମିଟର ରାଇଫଲ୍ ବର୍ଗରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗୋଟିଏ ବ୍ୟକ୍ତିଗତ ଏବଂ ଅନ୍ୟଟି ଦଳଗତ। ପାର୍ଥଙ୍କ ସହ ଅଜୟ ମଲ୍ଲିକ ଏବଂ ଅଭିନବ ସ’ ଏହି ବର୍ଗରେ ଦଳଗତ ଚାମ୍ପିଅନ ହୋଇଛନ୍ତି। ସେହିଭଳି ଭାରତୀୟ ମହିଳା ଦଳ ମଧ୍ୟ ୧୦ ମିଟର ବନ୍ଧୁକ ଚାଳନା ବର୍ଗରେ ଦଳଗତ ଚାମ୍ପିଅନ ହୋଇଛନ୍ତି। ଗୌତମୀ ଭାନୋଟ୍, ସମ୍ଭାବୀ ଖିସାଗର ଏବଂ ଅନୁଷ୍କା ଠାକୁର ଦଳଗତ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତ ଏ ପର୍ଯ୍ୟନ୍ତ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛି। ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୫ଟି ସ୍ୱର୍ଣ୍ଣ ପଦକ ପାଇଛି।

.......................................................................